# Akashvani, Sambalpur

## SAMBALPURI NEWS EVENING BULLETIN

## 9 January 2026 - 7.02 pm- 7.12 pm.

**********************************************

୧- ରାଜ୍ୟର୍ ଦୀର୍ଘସ୍ଥାୟୀ ବିକାଶ୍ ଆଉ ଅର୍ଥନୈତିକ୍ ଉନ୍ନତି ଲାଗି ଦକ୍ଷତା ଜରୁରୀ ଆଏ କହେଲେ ମୁଖ୍ୟମନ୍ତ୍ରୀ ।

- ଓଡ଼ିଶା ସ୍କିଲ୍ ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ବିଜୟୀମାନ୍‌କୁ କଲେ ପୁରସ୍କୃତ୍ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଛେ ରାଜ୍ୟ କେବିନେଟ୍ ବୈଠକ୍ ।

୩- ରାଜ୍ୟ ସର୍‌କାର୍ ଇ ମାସେ ୧୦ ଲାଖ୍ ହିତାଧିକାରୀଙ୍କୁ ବାଂଟ୍‌ବେ ପ୍ରଧାନ୍‌ମନ୍ତ୍ରୀ ଆବାସ୍ ଘର୍ ।

ଆଉର୍

୪- ଦେଶର ବିକାଶ୍ ଦିଗେ ପ୍ରବାସୀଭାରତୀୟମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ପାଳନ୍ କରାଯାଉଛେ ପ୍ରବାସୀ ଭାରତୀୟ ଦିବସ୍ ।

ଓଡ଼ିଶା ସ୍କିଲ୍ସ          ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ଆଉ ଅର୍ଥନୈତିକ ଉନ୍ନତି ଲାଗି ଦକ୍ଷତା ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଜ୍ୟ ଦକ୍ଷତା ବିକାଶ୍ ବୈଷୟିକ ଶିକ୍ଷା ବିଭାଗ୍ ତରଫୁ ହେଇଥିବା 'ଓଡ଼ିଶା ସ୍କିଲ୍ସ' ଉତ୍ସବ୍ର ଉଦ୍ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଏଜେ ଶିକ୍ଷାୟନ୍ ଜୋର୍ସେ ବଢୁଛେ । ଦକ୍ଷତାର୍ ସବୁସ୍ତରଥି ଉତ୍କର୍ଷ ହେବାର୍ଟା ଆମର୍ ଲକ୍ଷ୍ୟ ଆଏ । ନିଜେ କେନ୍ସି ଭିଲ୍ କ୍ଷେତ୍ରଥି ଦକ୍ଷ ହେଲେ ଓଡ଼ିଶା ନ ହିଁ ନିଯୁକ୍ତି ପାଇପାର୍ବେ । ଛାତ୍ରଛାତ୍ରୀମାନ୍କର୍ ଦକ୍ଷତା ବଢ଼ାବାର୍ ଲାଗି ରାଜ୍ୟର୍ ୪୭ ଟା ଆଇଟିଆଇ କେ ସେଂଟର୍ ଅଫ୍ ଏକ୍ସିଲେନ୍ସ ଭାବେ ରୂପାନ୍ତର୍ କରାଯିବା । କୃତ୍ରିମ ବୁଦ୍ଧିମତା କ୍ଷେତ୍ରଥି ଦକ୍ଷତା ହାସଲ୍ ଲାଗି ରାଜ୍ୟର୍ ୯ ଟା ଆଇଆଇଟି ନ ଏଆଇ ଲେବ୍ ଖୁଲାଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଓଡ଼ିଶା ଦକ୍ଷତା ପ୍ରତିଯୋଗିତାର୍ ଉଦ୍ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ୫୪ ଝନ୍କୁ ସ୍ୱର୍ଣ୍ଣ, ୫୩ ଝନ୍କୁ ରୌପ୍ୟ ଆଉ ୫୦ ଝନ୍ ବିଜୟୀଙ୍କୁ କାଂସ୍ୟ ପଦକ୍ ପ୍ରଦାନ୍ କରିଛନ୍ । କାର୍ଯ୍ୟକ୍ରମ୍ଥି ଶିକ୍ଷ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର

ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟ କେବିନେଟ୍‌ର ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ବୈଠକ୍ ଚାଲିଛେ । ବୈଠକ୍‌ଥି ପଂଚାୟତିରାଜ୍ ବିଭାଗ୍, ସାଧାରଣ୍ ପ୍ରଶାସନ୍, ଅର୍ଥ ଆଉ ଜଲ୍‌ସମ୍ପଦ୍ ବିଭାଗ୍‌ର ୮ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ଅନୁମୋଦନ୍ ମିଲିପାରେ ବଲି ସୂଚ୍‌ନା ମିଲିଛେ ।

ଆବାସ୍ ଘର୍- ପଂଚାୟତିରାଜ୍ ମନ୍ତ୍ରୀ ହି.ସ.

ରାଜ୍ୟ ସର୍‌କାର୍ ଇ ମାସେ ୧୦ ଲାଖ୍ ହିତାଧିକାରୀଙ୍କୁ ପ୍ରଧାନ୍‌ମନ୍ତ୍ରୀ ଆବାସ୍ ଘର୍ ବାଂଟ୍‌ବେ ବଲି ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍, ଆବାସ୍ ଘର୍ ଲାଗି ୩୭ ଲାଖ୍ ଆବେଦନ୍ ଆସିଛେ । ଏବ୍‌ତକ୍ ୩୪ ଲାଖ୍ ଆବେଦନ୍‌କାରୀଙ୍କର୍ ସଂକ୍ଷିପ୍ତ ତାଲିକା ତିଆର୍ କରାଯାଇଛେ । ଇ ତାଲିକା କେନ୍ଦ୍ର ସର୍‌କାର୍‌ଙ୍କୁ ଦିଆଯାଇଛେ । ସେଆଡୁ ଅନୁମତି ଆସ୍‌ଲା ଉତ୍‌ରୁ

ଖେପ୍ ଖେପ୍ କରି ଯୋଗ୍ୟ ହିତାଧିକାରୀମାନ୍‌କୁ ଆବାସ୍ ଘର୍ ବଂଟାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।
(ଭଏସ୍ ଓଭର୍- ପଂଚାୟତିରାଜ୍ ମନ୍ତ୍ରୀ)

ଜାତୀୟ ବାଉଁଶ ସମ୍ମିଲନୀ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶାର୍ ବାଉଁଶ କ୍ଷେତ୍ରକେ ରାଜ୍ୟର୍ ସବୁଜ ଅର୍ଥନୀତିର୍ ଗୁଟେ ପ୍ରମୁଖ ସ୍ତମ୍ଭ ଭାବେ ଗଢ଼୍‌ବାର୍ ଲାଗିଥି ଭୁବ୍‌ନେଶ୍ୱର୍ ନ ଆଏଜ୍ ଜାତୀୟ ବାଉଁଶ ସମ୍ମିଲନୀ -୨୦୨୬ ହେଇଯାଇଛେ । ସମ୍ମିଲନୀକେ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଉଦ୍‌ଘାଟନ୍ କରିକରି ରାଜ୍ୟର୍ ବାଉଁଶ ଶିଳ୍ପକେ ବର୍‌କସ୍ କର୍‌ବାର୍ ଲାଗି ଇଟା ଗୁଟେ ସାମୂହିକ୍ ଚେରେଷ୍ଟା ଆଏ ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ଶିଳ୍ପ ଜଗତ୍‌ର ନେତୃବୃନ୍ଦ, ନୀତି ନିର୍ଦ୍ଧାରକ ଆଉ ବିଶେଷଜ୍ଞମାନ୍‌କର୍ ସହେତେ ୨ ଶହ ନୁ ଅଏତ୍‌କା ପ୍ରତିନିଧି ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଗ୍ରାମୀଣ୍ ସମୃଦ୍ଧି ଆଉ ଅକ୍ଷୟ ସମ୍ପଦ୍ ଭାବେ ବାଉଁଶର ବ୍ୟାପକ୍ ସମ୍ଭାବନା ଉପ୍‌ରେ ଆଲୋଚନା କରାଯାଇଥିଲା ।

ପୁରୀ ଶ୍ରୀମନ୍ଦିର୍ ପ୍ରଶାସନ ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି଼ ଗୁଟେ ଜରୁରୀ ବୈଠକ୍ ଆଏଜ୍ ହେଇଯାଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍‌ର ଅଧିକାରୀମାନ୍‌କୁ ନେଇକରି ହେଇଥିବା ବୈଠକ୍‌ଥି଼ ଆଏବା ରଥଯାତ୍ରା ଅବ୍‌ସରେ ରଥ କାଠ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ରତ୍ନଭଣ୍ଡାର୍ ରତ୍ନଅଲଙ୍କାର୍ ଗନ୍‌ତିମନ୍‌ତି ଲାଗି ଆଏବା ୧୭ ତାରିଖ୍ ଦିନ ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ବୈଠକ୍ କର୍‌ବାର୍ ଲାଗି ଇ ଅବ୍‌ସରେ ନିଷ୍ପତି ନିଆଯାଇଛେ । ପୁରୀ ଭକ୍ତନିବାସ୍ ନ ଭଡ଼ା ନାଇଁ ବଢ଼ାବାର୍ ସହେତେ ୪ ଚକିଆ ଗାଡ଼ି ଲାଗି ପାର୍କିଂ ଫି' ୫ ଶହ ଟଙ୍କା କର୍‌ବାର୍ ଲାଗି ବୈଠକ୍‌ଥି଼ ଧାରିଜ୍ କରାଯାଇଛେ । ଇତାର୍‌ସହେତେ ପୁରୀ ରାଜସ୍ୱ ଜମି, ଶ୍ରୀଗୁଣ୍ଡିଚା ମନ୍ଦିର୍ ସର୍ବସାଧାରଣ ଦର୍ଶନ୍ ଆଏବା ଏପ୍ରିଲ୍ ମାସ୍‌ତକ୍ ଶ୍ରୀମନ୍ଦିର୍‌ର ସବୁ ପ୍ରକଳ୍ପ କାମ୍ ସାର୍‌ବାର୍‌କେ ବୈଠକ୍‌ଥି଼ ଆଲୋଚନା କରାଯାଇଛେ ବଲି ଶ୍ରୀ ପାଢ଼ୀ ସୂଚ୍‌ନା ଦେଇଛନ୍ ।

ଲୋକଭବନ୍ ଉଦ୍ୟାନ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ରାଜ୍ୟପାଲ୍‌ଙ୍କର୍ ଆବାସ୍ ଲୋକ୍‌ଭବନ୍ ଉଦ୍ୟାନ୍ ଆଏବାକାଏଲ୍‌ଠାନୁ ୨୦ ତାରିଖ୍‌ତକ୍ ଦୁଇପହରର୍ ୨ ବଜେନୁ ସଞ୍ଝର୍ ୬ ବାଜିକରି ୧୫ ମିନିଟ୍‌ତକ୍ ସାଧାରଣ୍

ଲୁକ୍‌କର୍ ଲାଗି ଖୁଲା ରହେବା । ଖାଲି ସ୍କୁଲ୍ ଛାତ୍ରଛାତ୍ରୀମାନେ ସଖାଲ୍ ବେଲା ଉଦ୍ୟାନ୍ ବୁଲିପାର୍‌ବେ । ପରିଦର୍ଶନ୍ ଲାଗି ଇଚ୍ଛୁକ ଲୁକେ ଲୋକ୍‌ଭବନ୍‌ର ସ୍ୱତନ୍ତ୍ର ମୋବାଇଲ୍ ଆପ୍ କି lokbhavan.odisha.gov.in ୱେବ୍‌ସାଇଟ୍ ଥି ବୁକିଂ କରିପାର୍‌ବେ । ଇଥିର୍‌ଲାଗି ଟଙ୍କାପଏସା ଦେବାର୍‌କେ ନାଇଁ ପଡ଼େ ବଲି ଲୋକଭବନ୍ କାର୍ଯ୍ୟାଳୟ ତର୍‌ଫୁ କୁହାଯାଇଛେ ।

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶର ବିକାଶ୍ ଦିଗେ ପ୍ରବାସୀଭାରତୀୟମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ପ୍ରବାସୀ ଭାରତୀୟ ଦିବସ୍ ପାଲନ୍ କରାଯାଉଛେ । ୧୯୧୫ ମସିହାଥି ଆଝିର୍ ଦିନେ ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକାନୁ ସ୍ୱଦେଶ୍ ଫିରିଥିଲେ । ଇ ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ୨୦୦୩ ମସିହାନୁ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଫି' ବଛର୍ ଜାନୁଆରୀ ୯ ତାରିଖ୍ ଦିନ ପ୍ରବାସୀ ଭାରତୀୟ ଦିବସ୍ ପାଲନ୍ କରାଯାଉଛେ । ଦେଶ୍ ବାହାରେ କାମ୍ କରୁଥିବା ଶ୍ରମିକ୍ ଆର୍ ସେମାନ୍‌କର୍ କୁଟୁମ୍‌ର ସମ୍ମାନ୍ ଆର୍ ଅଧିକାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ପ୍ରବାସୀ ଭାରତୀୟ

ହେଉଛନ୍ ଭାରତ୍ ଆଉ ପୁର୍ଥି ଭିତ୍‌ରେ ସମ୍ପର୍କର୍ ବର୍‌କସ୍ ସେତୁ । ବିଦେଶ୍ ନ ରହୁଥିବା ଭାରତୀୟମାନେ ଭାରତୀୟ ସଂସ୍କୃତିକେ ସେନ ବର୍‌କସ୍ ଭାବେ ଉପସ୍ଥାପନ୍ କର୍‌ବାର୍ ସହେତେ ନିଜର୍ ଜନମ୍ ମାଏଟ୍ ସାଙ୍ଗେ ଭିଲ୍ ଜୁଡ଼ି ହେଇକରି ଅଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ପ୍ରବାସୀ ଭାରତୀୟ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସବୁ ପ୍ରବାସୀ ଭାରତୀୟମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ପ୍ରଗତି ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଗତିର୍ ୫୦ ନମ୍ବର୍ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଭିନ୍ ଭିନ୍ ଯୋଜ୍‌ନାର୍ ସମୀକ୍ଷା କର୍‌ବାର୍ ସହେତେ ଅଭିଯୋଗ୍ ଶୁନିଥିଲେ । ୨୦୧୫ ମସିହାନୁ ମୁଲ୍ କରାଯାଇଥିବା ପ୍ରଗତି ଅଧୀନ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ୫୩ ଟା ଶକ୍ତି ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଡେରି ହେଉଥିବା ପ୍ରକଳ୍ପମାନ୍‌କୁ ତୁର୍‌ତି କାମ୍ ଶେଷ୍ କର୍‌ବାର୍ ଲାଗି ଦର୍‌କାର୍ ଅନ୍‌ସାରେ ସାହାଜ୍ ଭିଲ୍ ଯୁଗେଇ ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ପ୍ରଗତି ଜରିଏ ପ୍ରଧାନ୍‌ମନ୍ତ୍ରୀ ସିଧାସଲଖ୍ ଦେଶର୍ ପ୍ରମୁଖ ଭିତିଭୂମି ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କର୍‌ବାର୍ ସହେତେ ଲୁକ୍‌କର୍ ଅଭିଯୋଗ୍ ଶୁନିକରି ସମାଧାନ୍ କରିଛନ୍ । ପ୍ରଗତି ଜରିଏ କେନ୍ଦ୍ର, ରାଜ୍ୟ

ସର୍କାର୍ ଆଉ କେନ୍ଦ୍ରର୍ ମନ୍ତ୍ରଣାଳୟ ମାନେ ଗୁଟେ ଠାନେ ଜୁଡ଼ି ହେଇକରି ଦେଶର୍ ବିକାଶ୍ ଦିଗେ କାମ୍ କରୁଛନ୍ ।

ସମଗ୍ର ଶିକ୍ଷା ବୈଠକ୍ ପି.ଆଇ.ବି.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ନୂଆଦିଲ୍ଲୀ ନ ସମଗ୍ର ଶିକ୍ଷା ୩ ନମ୍ବର୍ ଖେପ୍‌କେ ନେଇକରି ପରାମର୍ଶ କମିଟିର୍ ବୈଠକ୍ ହେଇଯାଇଛେ । ସମଗ୍ର ଶିକ୍ଷାର ପୁନଃପରିକଳ୍ପନା ଶୀର୍ଷକ୍‌ଥି ହେଇଥିବା ବୈଠକ୍‌ଥି ଅଂଶୀଦାର୍‌ମାନେ ଯୋଗ୍ ଦେଇକରି ଇ ବାବ୍‌ଦେ ଭିନ୍ ଭିନ୍ ପରାମର୍ଶ ଦେଇଥିଲେ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ ସମଗ୍ର ଶିକ୍ଷା-୨୦୨୬-୨୭ କେ ସାରା ଦେଶେ ଏକୀକୃତ ଯୋଜ୍‌ନା ଅନ୍‌ସାରେ କାର୍ଯ୍ୟକାରୀ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ବିକଶିତ୍ ଭାରତ୍‌ର ଲକ୍ଷ୍ୟ ହାସଲ୍ ଦିଗେ ପ୍ରାଥମିକ ଶିକ୍ଷାକେ ବର୍‌କସ୍ କର୍‌ବାର୍ ଲାଗି ଇ ଅବ୍‌ସରେ ପରାମର୍ଶ ଦିଆଯାଇଥିଲା ।

ଅତିବିଶିଷ୍ଟ ରେଲ୍‌ସେବା ପୁରସ୍କାର ଏନ୍‌ଏସ୍‌ଡି

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ନୂଆଦିଲ୍ଲୀର୍ ଦ୍ୱାରକା ଠାନେ ଅତିବିଶିଷ୍ଟ ରେଲ୍‌ସେବା ପୁରସ୍କାର୍-୨୦୨୫ ପ୍ରଦାନ୍

କରିଛନ୍ । ରେଲ୍‌ସେବା କ୍ଷେତ୍ରଥି ପ୍ରଶଂସନୀୟ ଅବଦାନ୍ ଲାଗି ଶହେ ଝନ୍ ରେଲ୍ ଅଧିକାରୀ ଆଉ କର୍ମଚାରୀଙ୍କୁ ପୁରସ୍କୃତ୍ କରିଛନ୍ । ଭଲ୍ ପ୍ରଦର୍ଶନ୍ କରିଥିବା ୨୬ ଟା ରେଲ୍‌ବାଇ ଜୋନ୍‌କେ ଭିଲ୍ ସମ୍ମାନିତ୍ କରିଛନ୍ । ଆଝିରର୍ କାର୍ଯ୍ୟକ୍ରମ୍‌ଥି ରେଲ୍ ରାଷ୍ଟ୍ରମନ୍ତ୍ରୀ ଭି.ସୋମନ୍ନା, ରବନୀତ୍ ସିଂ ଆଉ ରେଲ୍‌ବାଇର୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଅଛନ୍ ।

ସୁବର୍ଣ୍ଣପୁର୍ ଲୋକ୍‌ମହୋତ୍ସବ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ରାମେଶ୍ୱର୍ ଷ୍ଟାଡ଼ିୟମ୍ ନ ଚାଲିଥିବା ସୁବର୍ଣ୍ଣପୁର୍ ଲୋକ୍‌ମହୋତ୍ସବ୍-ମହିମା -୨୦୨୬ର ୩ ନମ୍ବର୍ ଦିନେ ଆଏଜ୍ ଭିଲ୍ ରାଜ୍ୟ ଆଉ ରାଜ୍ୟ ବାହାରର୍ ଲୋକ୍‌କଳାକାର୍‌ମାନେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରୁଛନ୍ । ଜବର୍ ଶୀତ୍ ହେଲେ ଭିଲ୍ ଲୁକ୍‌କର୍ ଭିଡ଼୍ ଜମିଛେ । ଆଏଜ୍ ସଖାଲ୍‌ବେଲା ଜିଲ୍ଲାର୍ କୁଟୀର ଶିଳ୍ପର୍ ଥିତି ଆଉ ସମ୍ଭାବନା ବାବ୍‌ଦେ ଗୁଟେ ଆଲୋଚନାଚକ୍ର ହେଇଥିଲା ।

ଖଡ଼ିଆଲ୍ ପଂଚାୟତ୍ ସମିତି ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମିତିର୍ ବୈଠକ୍ ଆଏଜ୍ ହେଇଯାଇଛେ । ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ଯୋଗ୍ ଦେଇକରି ଠିକ୍ ସମିଆ ଭିତ୍‌ରେ ଉନ୍ନୟନ୍ ପ୍ରକଳ୍ପ ମାନ୍‌କର୍ କାମ୍ ସାର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଗ୍ରାମୋଦୟ ବୈଠକ       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଗ୍ରାମୋଦୟ ବାବଦ୍ ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆରକ୍ଷୀ ଅଧିକ୍ଷକ୍ ରାହୁଲ୍ ଗୋୟଲ୍, ଜିଲ୍ଲାସ୍ତରୀୟ ଆଉ ବ୍ଲକ୍‌ସ୍ତରର୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଜିଲ୍ଲାର୍ ଉପାନ୍ତ ଇଲାକା ନ ଥିବା ବର୍‌ଗାଁ ପଂଚାୟତ୍‌ର ୧୧ ଟା ଗାଁ ନ ବିକାଶ୍ କାମ୍ ତୁର୍‌ତି କର୍‌ବାର୍ ଲାଗି ଆଲୋଚନା କରାଯାଇଥିଲା ।

ଦକ୍ଷତା ବିକାଶ୍ କେନ୍ଦ୍ର - ପୋଷାକ୍ ବଂଟନ୍/ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ଦକ୍ଷତା ବିକାଶ୍ ସମ୍ପ୍ରସାରଣ୍ କେନ୍ଦ୍ର ନ ପ୍ରଶିକ୍ଷାର୍ଥୀମାନ୍‌କୁ ପାଠ୍ୟପୁସ୍ତକ୍ ଆଉ ପୋଷାକ୍ ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଦକ୍ଷତା ବିକାଶ୍ ଆଉ ନିୟୋଜନ ଅଧିକାରୀ କେ.ରୋଜା ଦୋରା କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ ଅତିଥିମାନେ ଏଛ୍‌ନିର୍ ସମିଆଥି ଦକ୍ଷତା ବିକାଶ୍‌ର ଆବଶ୍ୟକତା ବାବ୍‌ଦେ ବୁଝେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ କେନ୍ଦ୍ର ଭାଗନୁ ଗୁରୁଚାପ ବଳୟ ସକ୍ରିୟ ଥିବାର୍‌ନୁ ଉତର୍-ପଶ୍ଚିମ ଦିଗୁ ଓଡ଼ିଶାକେ ଥଣ୍ଡା ପବନ୍ ଆସୁଛେ । ଇଥିର୍‌ଲାଗି ଆଏବା ୨ ହପ୍ତାତକ୍ ରାଏଜେ ଜବର୍ ଶୀତ୍ ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ପଶ୍ଚିମା ଝଡ଼୍ କି କୁହୁଡ଼ି ପ୍ରଭାବ୍ ନାଇଁଥିବାର୍‌ନୁ ତାପମାତ୍ରା କମୁଛେ ବଲି ପାଣିପାଗ୍ ବିଶେଷଜ୍ଞମାନେ କହିଛନ୍ । ଆଏବା ସୋମ୍‌ବାର୍ ଦିନ୍‌ତକ୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆଉ ଅନୁଗୁଲ୍ ଜିଲ୍ଲାନ ଜବର୍ ଶୀତ୍ ଲାଗି ରହେବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।